# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6 May - 2026

*********************************

## ମୁଖ୍ୟ ସମ୍ବାଦ

- ଗୁଜୁରାଟ ଗସ୍ତର ଦ୍ୱିତୀୟ ଦିନରେ ଅହମ୍ମଦାବାଦଠାରେ ଉଦ୍ୟୋଗୀ ଓ ନିବେଶକଙ୍କ ସହିତ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ
- ନବରଙ୍ଗପୁର ଜିଲ୍ଲାର ୨୨ଟି ପଞ୍ଚାୟତ ପାଇଁ ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ କଲେ ବିଭାଗୀୟ ମନ୍ତ୍ରୀ
- ଶ୍ୱାସରୋଗ ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ଆଜ୍‌ମା ଦିବସ

ଏବଂ

- କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ  ବଜ୍ରପାତ ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

BBSR/R

## ମୁଖ୍ୟମନ୍ତ୍ରୀ – ଗୁଜରାଟ ଗସ୍ତ

ଗୁଜୁରାଟ ଗସ୍ତର ଦ୍ୱିତୀୟ ଦିନରେ ଆଜି ଅହମ୍ମଦାବାଦଠାରେ ଆୟୋଜିତ ଉଚ୍ଚସ୍ତରୀୟ ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ପ୍ରମୁଖ ଉଦ୍ୟୋଗୀ ଓ ନିବେଶକମାନଙ୍କ ସହିତ ଆଲୋଚନା କରୁଛନ୍ତି । ରାଜ୍ୟରେ ବନ୍ଦର ଭିତ୍ତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏକ ପ୍ରତିନିଧି ଦଳ ଆଜି ମୁନ୍ଦ୍ରା ବନ୍ଦର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଏହା ମାଲପରିବହନ ଓ ବନ୍ଦର ଆଧାରିତ ଶିଳ୍ପରେ ସମ୍ଭାବନା ସୁଯୋଗକୁ ଆହୁରି ବ୍ୟାପକ କରିବ । ଆସନ୍ତାକାଲି ଭଦୋଦରାଠାରେ ନିବେଶକମାନଙ୍କ ସହିତ ଏକ ବୈଠକର ଆୟୋଜନ କରାଯାଇଛି । ଏଥିସହିତ କାର୍ଯ୍ୟକ୍ରମର ଅଂଶସ୍ୱରୂପ କେଭାଡ଼ିଆ ଗସ୍ତ ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି । ଦ୍ରୁତ ଅଭିବୃଦ୍ଧି ଓ ରଣନୈତିକ ଯୋଜନା ସହ ଓଡ଼ିଶା ବର୍ତ୍ତମାନ ଶିଳ୍ପ ଜଗତପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରୁଛି ବୋଲି ଗତକାଲି ଗୁଜରାଟର ଅହମ୍ମଦାବାଦଠାରେ ଆୟୋଜିତ ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍‌ଶୋ’ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ।

Nabarangpur

## ପାନୀୟ ଜଳ ପ୍ରକଳ୍ପ ଲୋକାର୍ପଣ

ନବରଙ୍ଗପୁର ଜିଲ୍ଲାକୁ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ଦିନିକିଆ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ନାଏକ ତେନ୍ତୁଳିଖୁଣ୍ଟି ଏବଂ ନନ୍ଦାହାଣ୍ଡି ବ୍ଲକର ୨୨ଟି ପଞ୍ଚାୟତ ପାଇଁ ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକ ଲମତାଗୁଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମପଞ୍ଚାୟତ ସୁବିଧା କେନ୍ଦ୍ର ଓ ଉପଭୋକ୍ତା ସେବା କେନ୍ଦ୍ରର  ମଧ୍ୟ ସେ ଉଦ୍‌ଘାଟନ କରିଛନ୍ତି। ପରେ ମନ୍ତ୍ରୀ ଶ୍ରୀ ନାଏକ’ ମୁଖ୍ୟମନ୍ତ୍ରୀ ସଡ଼କ ଓ ସେତୁବନ୍ଧ ଯୋଜନା ଅନ୍ତର୍ଗତ ୩୨ଟି ରାସ୍ତା ଓ ୪ଟି ସେତୁର ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ, ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ବିଧାୟକ ନରସିଂହ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

HS

## ରାୟଗଡା ରେଳ ଡିଭିଜନ

ରାୟଗଡ଼ା ରେଳ ଡିଭିଜନ୍ ଆସନ୍ତା ଜୁନ୍ ମାସ ପହିଲାରୁ କାର୍ଯ୍ୟକ୍ଷମ ହେବ ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବତଟ ରେଳ ଅଧୀନରେ ରାୟଗଡ଼ା ତୃତୀୟ ରେଳ ଡିଭିଜନ ଭାବେ କାମ କରିବ। ଏହି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ଉନ୍ନତି ଓ ଆକାଂକ୍ଷାକୁ ପୂରଣ କରିବାରେ ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ସହଯୋଗ ରହିଆସିଛି। ରାୟଗଡ଼ା ରେଲୱେ ଡିଭିଜନର କାର୍ଯ୍ୟକ୍ଷମ ହେବା ପରେ ଅଞ୍ଚଳର ଯୋଗାଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଆସିବ। ପର୍ଯ୍ୟଟନର ବୃଦ୍ଧି, ସମାବେଶୀ ଓ ସ୍ଥାୟୀ ଉନ୍ନତିକୁ ନୂତନ ଗତି ମିଳିବ ବୋଲି ଶ୍ରୀ ମାଝୀ କହିଛନ୍ତି। ରାଜ୍ୟକୁ ଦେଶର ଉନ୍ନତିରେ ଏକ ପ୍ରମୁଖ ଭାଗିଦାରୀ ଭାବେ ଗଢ଼ି ତୋଳିବା ସହିତ ବିକଶିତ  ଭାରତ ଲକ୍ଷ୍ୟକୁ ସାକାର କରିବାରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ପୂର୍ବତଟ ରେଳବାଇ ଅଧୀନରେ ପୂର୍ବରୁ ଖୋର୍ଦ୍ଧା ଏବଂ ସମ୍ବଲପୁର ରେଳ ଡିଭିଜନ ରହିଛି। ରାୟଗଡ଼ା  ଡିଭିଜନ ଅଧୀନରେ ମୋଟ ୬୯୫ କିଲୋମିଟର ରେଳପଥ ରହିବ। ୱାଲଟିୟର ଡିଭିଜନର କିଛି ଷ୍ଟେସନ ରାୟଗଡ଼ା ଡିଭିଜନରେ ଅନ୍ତର୍ଭୁକ୍ତ କରାଯାଇଛି। ରାୟଗଡ଼ା ନୂଆ ରେଳ ଡିଭିଜନ ଭିତ୍ତିଭୂମି ବିକାଶ ପାଇଁ ପ୍ରାୟ ୧୦୭ କୋଟି ଟଙ୍କା ଖର୍ଚ୍ଚ କରାଯିବ।

Ganjam

## ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅଧୀନ ମିଶନ ଶକ୍ତି ସଭାଗୃହରେ ବାଲ୍ୟ ବିବାହ ରୋକିବା ପାଇଁ ଜିଲ୍ଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲ୍ୟ ବିବାହ ରୋକିବା ପାଇଁ ସରକାରଙ୍କ

ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଛି। ଛତ୍ରପୁର ବ୍ଲକ ସି.ଡି.ପି.ଓ. ପ୍ରଣମିତା ପଣ୍ଡା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବାଲ୍ୟବିବାହ ରୋକିବାରେ ବିଭିନ୍ନ ସଂଗଠନର ଭୂମିକା ବିଷୟରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ୟୁନିସେଫର ଜିଲ୍ଲା ସଂଯୋଜକ ଦେବବ୍ରତ ମାହୁନ୍ତ, ମହିଳା ସୁରକ୍ଷା ଅଧିକାରୀ ଡି.ନାଗରତ୍ନମ ବାଲ୍ୟ ବିବାହ ରୋକିବା ପାଇଁ ସମସ୍ତଙ୍କୁ ସମୂହ ସଂକଳ୍ପ ପାଠ କରାଇଥିଲେ।

Desk

# ଆଜ୍‌ମା ଦିବସ

ଶ୍ୱାସରୋଗ ପ୍ରତି  ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ବିଶ୍ୱ ଶ୍ୱାସରୋଗ ବା ଆଜ୍‌ମା ଦିବସ ପାଳନ କରାଯାଉଛି । ଚଳିତବର୍ଷର ବାର୍ତ୍ତା ରହିଛି 'ଆଜ୍‌ମାରେ ପୀଡ଼ିତ ବ୍ୟକ୍ତିଙ୍କ ଉପଶମ, ସମୟର ଆବଶ୍ୟକତା'। ଏହି ରୋଗରୁ ରକ୍ଷା ପାଇବା ନିମନ୍ତେ ଡାକ୍ତରଙ୍କ ପରାମର୍ଶ ନେବାର ଆବଶ୍ୟକତା ରହିଛି। ଆଜ୍‌ମା ଦିବସରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

Desk

## ଅଧ୍ୟାପକ ପଦବୀ ପୂରଣ

ରାଜ୍ୟରେ ଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରାୟ ୧୪ ଶହ ଅଧ୍ୟାପକ ପଦବୀ ପୂରଣ ଲାଗି ସରକାର ପ୍ରକ୍ରିୟା ଆରମ୍ଭ

କରିଛନ୍ତି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ନିକଟରେ ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ ହେବା ପରେ ଏବେ ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ପ୍ରଫେସର ପଦବୀ ଲାଗି ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି। ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି, ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ଲୋକସେବା ଆୟୋଗ– ଓ.ପି.ଏସ୍.ସି, ରାଜ୍ୟସ୍ତରୀୟ ଯୋଗ୍ୟତା ପରୀକ୍ଷା କିମ୍ବା ଅନ୍ୟ ବିକଳ୍ପ ବ୍ୟବସ୍ଥା ଆପଣାଇବାକୁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଶିକ୍ଷାନୁଷ୍ଠାନର ମାନବ ସମ୍ବଳ ଓ ଭିତ୍ତିଭୂମି ବିକାଶ ପାଇଁ ଅର୍ଥ ବ୍ୟୟବରାଦ ହୋଇଥିବା ବେଳେ ଟେଣ୍ଡର ପ୍ରକ୍ରିୟା ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପିଏମ୍-ଉଷା ଜରିଆରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚାଲିଛି। ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ହେବା ପରେ ଉଚ୍ଚଶିକ୍ଷା ଅନୁଷ୍ଠାନ ପାଇଁ ୬୭୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ପିଏମ୍– ଉଷା ଅଧୀନରେ ୧୦୦ କୋଟି ଟଙ୍କା ଲେଖାଏଁ ଆର୍ଥିକ ଅନୁଦାନ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହିତ ପିଏମ୍-ଉଷା ଜରିଆରେ ରାଜ୍ୟରେ ମୋଟ୍ ୨୦ଟି ସରକାରୀ ମହାବିଦ୍ୟାଳୟକୁ ୫ କୋଟି ଟଙ୍କା ଲେଖାଏଁ ଆର୍ଥିକ ଅନୁଦାନ

ଦିଆଯାଇଛି। '୪୮୮ ଓ ୬୬୨ ବର୍ଗ' ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ବଜେଟ୍‌ରୁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟୟ ଅଟଳ କରାଯାଇଥିବା ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି।

Desk

## ମାଟ୍ରିକ୍ ଖାତା ଯାଞ୍ଚ୍

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବିଭିନ୍ନ ବିଷୟର ପୁନଃ ଖାତା ଯାଞ୍ଚ୍ ପାଇଁ ଆସନ୍ତା ୧୧ ତାରିଖରୁ ପ୍ରକ୍ରିୟା ଆରମ୍ଭ ହେବ । ଏ ସଂକ୍ରାନ୍ତରେ ବୋର୍ଡ଼ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରତ୍ୟେକ ବିଷୟରେ ସବ୍‌ଜେକ୍‌ଟିଭ୍ ଓ ଅବଜେକ୍‌ଟିଭ ଖାତା ପୁନଃଯାଞ୍ଚ ଓ ସେଗୁଡ଼ିକର ଅବିକଳ ନକଲ ପ୍ରଦାନ ପାଇଁ ଆବଶ୍ୟକ ଦେୟ ସହିତ ଅନଲାଇନ୍‌ରେ ଆବେଦନ କରିବାକୁ ପଡ଼ିବ। ଆବେଦନ କରିବାର ନିୟମାବଳୀ ବୋର୍ଡ ୱେବସାଇଟ୍ www.bseodisha.ac.in ରେ ଉପଲବ୍ଧ ହେବ। ଏଥିପାଇଁ ଉଭୟ ଫର୍ମ ଓ ଦେୟ ଦାଖଲ ୨୨ ତାରିଖ ମଧ୍ୟରାତ୍ର ସୁଦ୍ଧା କରିବାକୁ ପଡ଼ିବ। ଅନଲାଇନ୍ ଆବେଦନ ୨୪ ଘଣ୍ଟା ଜାରି ରହିବ। ଏହି ପ୍ରକ୍ରିୟା ଶେଷ ହେବାପରେ ବୋର୍ଡ କର୍ତ୍ତୃପକ୍ଷ ସଂଶୋଧିତ ମାର୍କ ପ୍ରମାଣପତ୍ର ପ୍ରଦାନ କରିବେ। ଆବେଦନକାରୀ ବୋର୍ଡ ୱେବସାଇଟ୍‌ରୁ ପରୀକ୍ଷାଖାତାର ଅବିକଳ ନକଲ ଡାଉନଲୋଡ୍ କରିପାରିବେ। ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ

ଆସନ୍ତା ୮ ତାରିଖରୁ ଫର୍ମ ପୂରଣ ଆରମ୍ଭ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

Malkangiri

## ଦଶମ ଶ୍ରେଣୀ ଛାତ୍ରୀ ପୁରସ୍କୃତ

ମାଲକାନଗିରି ଜିଲ୍ଲା ପରିଷଦ ସଭାଗୃହରେ ଦଶମ ବାର୍ଷିକ ବୋର୍ଡ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ୩୨ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲ୍ଲା ପୁଲିସ ଅଧୀକ୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀ ଲକ୍ଷ୍ମୀ ଖେମୁଣ୍ଡୁଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି।

Nuapada

## ହେଲମେଟ୍ ଜମା

ନୂଆପଡ଼ା ଜିଲ୍ଲା ୭ଟି ସ୍ଥାନରେ ହେଲମେଟ୍ ହବ୍‌ର ଶୁଭାରମ୍ଭ କରାଯାଇଛି। ଏଥିରେ ବାଇକ୍ ଚାଳକଙ୍କୁ ୫୦ ଟଙ୍କାରେ ହେଲମେଟ୍ ପ୍ରଦାନ ସହିତ କାର୍ଯ୍ୟ କ୍ଷେତ୍ରରୁ ଫେରିବା ପରେ ହେଲମେଟ୍ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ସୁରକ୍ଷିତ ଗାଡ଼ି ଚାଳନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି।

Desk

# ହକି ଶିବିର

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ନାଭାଲ ଟାଟା ହକି ଆନୁକୂଲ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଗ୍ରୀଷ୍ମକାଳୀନ ହକି ଶିବିର ଆରମ୍ଭ ହୋଇଛି। ଶିବିର ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୬ରୁ ୧୬ ବର୍ଷ ବୟସର ୮୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଖେଳାଳିଙ୍କୁ ହକିର କଳାକୌଶଳ ସହ ଉଚ୍ଚକୋଟୀର ପ୍ରଶିକ୍ଷଣ ପ୍ରଦାନ କରାଯିବ। ଉଦ୍‌ଘାଟନୀ ସମାରୋହ ପରେ ଖେଳାଳିମାନଙ୍କ ପାଇଁ ଏକ 'ସ୍ୱତନ୍ତ୍ର ପ୍ରଶିକ୍ଷଣ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବ ଖେଳାଳିମାନେ ବୃତ୍ତିଗତ ମାର୍ଗଦର୍ଶନରେ ଆଧୁନିକ ହକିର କୌଶଳ ଶିଖିବାର ସୁଯୋଗ ପାଉଥିବା କ୍ରୀଡ଼ା ଓ ଯୁବସେବା ପକ୍ଷରୁ କୁହାଯାଇଛି।

Desk

# ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବାନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ୬ରୁ ୭ ଦିନ ମଧ୍ୟରେ ରାଜ୍ୟରେ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ।